भारतीय प्रौद्योगिकी संस्थान भुवनेश्वर
**Indian Institute of Technology Bhubaneswar**

## Press Release

### ଆଇଆଇଟି ଭୁବନେଶ୍ୱରରେ 'ମ୍ୟାପିଂ ମେମୋରୀ ଇନ୍ ଦି ୱେକ୍ ଅଫ୍ ଦି ପୋଷ୍ଟହ୍ୟୁମାନ୍: ଇଣ୍ଡିଆ, କାନାଡ଼ା ଆଣ୍ଡ୍ ଦି ୱାର୍ଲ୍ଡ' ପୁସ୍ତକ ଉନ୍ମୋଚିତ

**ଭୁବନେଶ୍ୱର, ୧୬ ସେପ୍ଟେମ୍ବର ୨୦୨୩:** ଭାରତୀୟ ପ୍ରଯୁକ୍ତିବିଦ୍ୟା ପ୍ରତିଷ୍ଠାନ (ଆଇଆଇଟି) ଭୁବନେଶ୍ୱର ପକ୍ଷରୁ ୧୫ ସେପ୍ଟେମ୍ବର ୨୦୨୩ରେ ଏକ ପୁସ୍ତକ ଉନ୍ମୋଚନ ତଥା ପଠନ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି ଅବସରରେ, ଆଇଆଇଟି ଭୁବନେଶ୍ୱରର ନିର୍ଦ୍ଦେଶକ ପ୍ରଫେସର୍ ଶ୍ରୀପଦ କର୍ମାଲକର ''ମ୍ୟାପିଂ ମେମୋରୀ ଇନ୍ ଦି ୱେକ୍ ଅଫ୍ ଦି ପୋଷ୍ଟହ୍ୟୁମାନ୍: ଇଣ୍ଡିଆ, କାନାଡ଼ା ଆଣ୍ଡ୍ ଦି ୱାର୍ଲ୍ଡ' ଶୀର୍ଷକ ପୁସ୍ତକର ଉନ୍ମୋଚନ କରିଥିଲେ। ଏହି ପୁସ୍ତକଟି ପ୍ରତିଷ୍ଠାନର ଇଂରାଜୀ ବିଭାଗର ଆସୋସିଏଟ୍ ପ୍ରଫେସର୍ ଡଃ ପୁଣ୍ୟଶ୍ରୀ ପଣ୍ଡାଙ୍କ ସମ୍ପାଦନାରେ ପ୍ରକାଶିତ ହୋଇଛି।

ବ୍ଲୁମ୍ସବରି ଇଣ୍ଡିଆ ଦ୍ୱାରା ପ୍ରକାଶିତ ଏହି ପୁସ୍ତକଟିରେ ପୋଷ୍ଟହ୍ୟୁମାନ୍ ଏବଂ ସାଂପ୍ରତିକ ପରିପ୍ରେକ୍ଷୀରେ ଏହାର ପ୍ରାସଙ୍ଗିକତା ସମ୍ପର୍କରେ ବିଶଦ ଭାବେ ଅବତାରଣା କରାଯାଇଛି। ପୋଷ୍ଟହ୍ୟୁମାନ୍ ପ୍ରକ୍ରିୟା ତଥା ବିଷୟବସ୍ତୁ କିପରି ସ୍ମୃତି ଶକ୍ତି ଏବଂ ଅପର ସ୍ମୃତି ଶକ୍ତିକୁ ପ୍ରଭାବିତ କରିଥାଏ ଏବଂ ଏହି ନୂତନ ସମୟରେ ମାନବ ଏବଂ ଅଣ-ମାନବଙ୍କ ଭୂମିକା ସମ୍ପର୍କରେ ମଧ୍ୟ ଏଥିରେ ଆଲୋକପାତ କରାଯାଇଛି। ଏହି ପୁସ୍ତକରେ ପୋଷ୍ଟହ୍ୟୁମାନ୍ ଏବଂ ସ୍ମୃତି ମଧ୍ୟରେ ଏହି ଭାବବିନିମୟ କିପରି ବିଭିନ୍ନ ବର୍ଗରେ ମାନବ ସମ୍ପର୍କକୁ ଜୀବଜନ୍ତୁ, ସାଇବର୍ଗ ଏବଂ ଏଆଇ-ସଂଚାଳିତ ବ୍ୟକ୍ତିବିଶେଷ/ଯନ୍ତ୍ରାଂଶ ସହ ପ୍ରଭାବିତ କରୁଛି, ତାହା ପରୀକ୍ଷା କରାଯାଇଛି। ଏଥିରେ ଭାରତ ଓ କାନାଡା ମଧ୍ୟରେ ଏକ ତୁଳନାତ୍ମକ ଚିତ୍ର ପ୍ରଦର୍ଶିତ ହୋଇଥିବା ବେଳେ ସମଗ୍ର ବିଶ୍ୱରେ ଏହାର ପ୍ରଭାବ ସମ୍ପର୍କରେ ମଧ୍ୟ ଉଲ୍ଲେଖ କରାଯାଇଛି।

ଏହି ଅବସରରେ ବକ୍ତବ୍ୟ ପ୍ରଦାନ କରି ପ୍ରଫେସର୍ ଶ୍ରୀପଦ କର୍ମାଲକର ପୁସ୍ତକର ସମ୍ପାଦିକା ଡଃ ପୁଣ୍ୟଶ୍ରୀ ପଣ୍ଡାଙ୍କୁ ଏହି ବିଷୟବସ୍ତୁକୁ ଏକ ଭିନ୍ନ ଦୃଷ୍ଟିକୋଣ ସହ ଉପସ୍ଥାପନା କରିଥିବା ହେତୁ ଅଭିନନ୍ଦନ ଜଣାଇଥିଲେ।

ଅନ୍ୟମାନଙ୍କ ମଧ୍ୟରେ, ଡିନ୍-କଣ୍ଟିନ୍ୟୁଇଂ ଏଜୁକେସନ୍ ପ୍ରଫେସର୍ ସୁଜିତ ରୟ ଏବଂ ଆସୋସିଏଟ୍ ପ୍ରଫେସର୍ ଡଃ ଅକ୍ଷୟ କୁମାର ରଥ ନିଜର ବକ୍ତବ୍ୟ ପ୍ରଦାନ କରି ଡଃ ପଣ୍ଡାଙ୍କୁ ତାଙ୍କର ଏହି ସଫଳତା ପାଇଁ ଅଭିନନ୍ଦନ ଜଣାଇଥିଲେ। ଡଃ ପୁଣ୍ୟଶ୍ରୀ ପଣ୍ଡା ଏହି ପୁସ୍ତକ ପ୍ରକାଶନ ପଛରେ ତାଙ୍କର ପ୍ରେରଣା ଏବଂ ଏହି ଯାତ୍ରାରେ ତାଙ୍କର ଅଭିଜ୍ଞତା ସମ୍ପର୍କରେ ଉଲ୍ଲେଖ କରିଥିଲେ।

ଏହି ପୁସ୍ତକ ଉନ୍ମୋଚନ ତଥା ପଠନ କାର୍ଯ୍ୟକ୍ରମଟି ଆଇଆଇଟି ଭୁବନେଶ୍ୱରର ସ୍କୁଲ୍ ଅଫ୍ ହ୍ୟୁମାନିଟିଜ୍, ସୋସିଆଲ୍ ସାଇନ୍ସେସ୍ ଆଣ୍ଡ୍ ମ୍ୟାନେଜ୍‌ମେଣ୍ଟ୍ ଦ୍ୱାରା ଆୟୋଜିତ ହୋଇଥିଲା।

-----------------